## ସଂକ୍ଷେପରେ

### ବାଲି ବୋଝେଇ ୩ ଟ୍ରାକ୍ଟର ଜବତ

**ପାଟଣା ,୧୯।୯(ସ୍ୱ. ପ୍ର.):** କେନ୍ଦୁଝର ଜିଲା ପାଟଣା ତହସିଲ ଅନ୍ତର୍ଗତ ତୁରୁମୁଙ୍ଗା ରାଜସ୍ୱ ନିରୀକ୍ଷକ ଅନ୍ତର୍ଗତ ଝାରବେଡା ନାଳରୁ ଶନିବାର ଅପରାହ୍ନରେ ବେଆଇନ ବାଲି ଉତ୍ତୋଳନ ହେଉଥିଲା। ଖବର ପାଇ ପାଟଣା ତହସିଲଦାର ଏନ୍ଫୋର୍ସମେଣ୍ଟ ସ୍କ୍ୱାଡ ସହ ଘଟଣା ସ୍ଥଳରେ ପହଞ୍ଚି ୩ ଟ୍ରାକ୍ଟର ଜବତ କରିଛନ୍ତି। ଏହି ଟ୍ରାକ୍ଟର ଗୁଡିକରୁ ମୋଟ ୩୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଏହି ଚଢ଼ାଉରେ ତହସିଲଦାର ଶିବ ପ୍ରଶାଦ ମୁର୍ମୁ, ସୁପର ଭାଇଜର ବନମାଳୀ ନାଏକ ଓ ସ୍କ୍ୱାଡର ରମାକାନ୍ତ ମାହାନ୍ତ ସାମିଲ ଥିଲେ।

### ପୋଖରୀରେ ପଡ଼ି ବାଳକ ମୃତ

**ବାସୁଦେବପୁର, ୧୯।୯(ଡି.ଏନ୍.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଗୁଆଗଡ଼ିଆ ପଞ୍ଚାୟତର ୫ ନମ୍ବର ୱାର୍ଡର ମନୋଜ ମଲିକଙ୍କର ପୋଖରୀରେ ବୁଡ଼ି ଶନିବାର ମୃତ୍ୟୁ ହୋଇଛି। ମନୋଜ ତାଙ୍କ ସାଙ୍ଗମାନଙ୍କ ସହିତ ଦରଖୋଜି ମହାଦେବ ପୋଖରୀରେ ଗାଧୋଉଥିବା ବେଳେ ମଝିକୁ ଖସି ଯାଇଥିଲେ। ଖୋଜାଖୋଜି ପରେ ମନୋଜଙ୍କର ମୃତଦେହକୁ ପୋଖରୀରୁ ଉଦ୍ଧାର କରାଯାଇଛି।

### ଶେଣ୍ଡତୀରାରେ ସ୍ୱଚ୍ଛତା ଅଭିଯାନ

**ବନ୍ତ,୧୯।୯(ଡି.ଏନ୍.ଏ.):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମ ସପ୍ତାହ ଅବସରରେ ଭଦ୍ରକ ଜିଲା ବନ୍ତ ବ୍ଲକ ଶେଣ୍ଡତୀରା ବଜାର ଠାରେ ଭାଜପା ପକ୍ଷରୁ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସେଣ୍ଡତୀରା ବଜାର ଅଞ୍ଚଳ ସମେତ ଶିବ ମନ୍ଦିର, ତାରିଣୀ ମନ୍ଦିର, ଉପ୍ରା ବିଦ୍ୟାଳୟ, ବ୍ୟାଙ୍କ ସମ୍ମୁଖ ଆଦି ସ୍ଥାନ ସଫେଇ କରାଯାଇ ବ୍ଲିଚିଂ ପାଉଡର ପକାଯାଇଥିଲା। ଏହି ଅବସରରେ ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ ବ୍ୟବହାର ନକରିବା ପାଇଁ ସାମୁହିକ ଶପଥ ପାଠ କରାଯାଇଥିଲା। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଦ୍ରୀ ନାରାୟଣ ଧଳ, ପଞ୍ଚାୟତ ସଭାପତି କିଶୋର ବିଶ୍ୱାଳ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ପୂର୍ଣ୍ଣ ଚନ୍ଦ୍ର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି

**ବାରିପଦା ଅଫିସ,୧୯।୯:** ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅଧୀନ ୧୮ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା କୃଷ୍ଣଚନ୍ଦ୍ର କଲେଜରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଯାଇଛି। ଶୁକ୍ରବାର ରାତିରେ ଏହି ଘଟଣା ଘଟିଥିବା ବେଳେ ଦୁର୍ବୃତ୍ତମାନେ କଲେଜରୁ କମ୍ପ୍ୟୁଟର, ପାଣିପମ୍ପ, ଆର୍ମେଚର, ଏଲସିଡି ମନିଟର, ଇନଭର୍ଟର, ବ୍ୟାଟେରୀ ଆଦି ବହୁ ସାମଗ୍ରୀ ଚୋରି କରିନେଇଛନ୍ତି। ଏ ସଂକ୍ରାନ୍ତରେ କଲେଜର ଅଧକ୍ଷ ସୁଶାନ୍ତି ପ୍ରଧାନ ଥାନାରେ ଲିଖିତ ଭାବେ ଜଣାଇବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ରୋଗୀ ମୃତ୍ୟୁକୁ ନେଇ ଉତ୍ତେଜନା

**ବାରିପଦା ଅଫିସ,୧୯।୯**

ଚିକିତ୍ସା ଅବହେଳାରୁ ରୋଗୀ ମୃତ୍ୟୁକୁ ନେଇ ମୟୂରଭଞ୍ଜ ଜିଲା ବାରିପଦା ବାଙ୍କିଶୋଳସ୍ଥିତ କୋଭିଡ ଡାକ୍ତରଖାନାରେ ଶନିବାର ଉତ୍ତେଜନା ପ୍ରକାଶ ପାଇଛି। କରୋନାରେ ଚିକିତ୍ସାଧିନ ରୋଗୀଙ୍କ ସମ୍ପର୍କରେ ପରିବାର ଲୋକଙ୍କୁ କୌଣସି ସୂଚନା ପ୍ରଦାନ କରାଯାଉ ନ ଥିବା ଅଭିଯୋଗ କରି ସମ୍ପର୍କୀୟମାନେ ହୋହଲ୍ଲା କରିଥିଲେ। ପରିସ୍ଥିତି ଅଣାୟତ୍ତ ହେବାରୁ ପୋଲିସ ଫୋର୍ସ ମୁତୟନ କରାଯାଇଛି । ଅପରାହ୍ନରେ ବୁଝାଶୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଛି ।

ଶୁକ୍ରବାର ରାତିରେ ଜଣେ ରୋଗୀଙ୍କ ମୃତ୍ୟୁ ହେବା ନେଇ ପରିବାର ଲୋକେ ଖବରପାଇ ଡାକ୍ତରଖାନାକୁ ଯାଇଥିଲେ। ସେଠାରେ ପହଞ୍ଚିବା ପରେ ସେଠାରେ ଉତ୍ତେଜନା ଆରମ୍ଭ ହୋଇଥିଲା । ଶନିବାର ସକାଳୁ ଶହ ଶହ ସଂଖ୍ୟାରେ


ଡାକ୍ତରଖାନା ପରିସରରେ ପୋଲିସ ମୁତୟନ।

ଲୋକମାନେ ଡାକ୍ତରଖାନା ସମ୍ମୁଖରେ ରହି ଅବ୍ୟବସ୍ଥା ସମ୍ପର୍କରେ ପାଟିତୁଣ୍ଡ କରିଥିଲେ। ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା କରାଯାଇ ନ ଥିବାରୁ ମୃତ୍ୟୁ ହୋଇଥିବା ମୃତକଙ୍କ ସମ୍ପର୍କୀୟ ଧରଣୀ କୁମାର ଦେ ଅଭିଯୋଗ କରିଛନ୍ତି। ଜିଲାପରିଷଦ ସଦସ୍ୟ ବ୍ରଜମୋହନ ବେହେରା କହନ୍ତି, ବୈଶିଙ୍ଗା ଅଞ୍ଚଳରୁ ଜଣେ ରୋଗୀଙ୍କୁ ଆଣିବା ପରେ ଦୀର୍ଘ ୨ଘଣ୍ଟାରୁ ଉର୍ଦ୍ଧ୍ୱ ଆମ୍ବୁଲାନ୍ସରୁ ଓହ୍ଲାଯାଇ ନ ଥିଲା। ପରିବାର ଲୋକେ କର୍ତ୍ତୃପକ୍ଷଙ୍କୁ ଚିକିତ୍ସା ବାବଦରେ କହିବାକୁ ଚେଷ୍ଟା କରୁଥିବା ବେଳେ ସେମାନଙ୍କ କଥାକୁ କୌଣସି ଗୁରୁତ୍ୱ ଦିଆଯାଉ ନ ଥିଲା। ଅନ୍ୟପକ୍ଷେ ରାଇରଙ୍ଗପୁର କିଚିଣ୍ଡା ଗ୍ରାମର ଚନ୍ଦନ ବେହେରା କହିଛନ୍ତି, ତାଙ୍କ ମା'ଙ୍କୁ ଗତ ୭ତାରିଖରେ କୋଭିଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱରକୁ ସ୍ଥାନାନ୍ତର କରିବା ପରେ ସେଠାରେ ତାଙ୍କ ମୃତ୍ୟୁ ହୋଇଥିଲା ବୋଲି କର୍ତ୍ତୃପକ୍ଷ ଜଣାଇଥିଲେ। ମାତ୍ର ପୁଣି କେହି ଜଣେ ବ୍ୟକ୍ତି ତାଙ୍କ ମା' ବଞ୍ଚିଥିବା ଖବରଦେବାରୁ ପରିବାର ଲୋକେ ଡାକ୍ତରଖାନା, ଜିଲାପାଳଙ୍କ କାର୍ଯ୍ୟାଳୟ ଓ ସିଡିଏମ୍ଓଙ୍କ କାର୍ଯ୍ୟାଳୟକୁ ଦୌଡିଥିଲେ। କିଛି ସମୟ ପରେ ଜିଲା ପ୍ରଶାସନ ପକ୍ଷରୁ ତାଙ୍କ ମା' ମୃତ ବୋଲି ଘୋଷଣା କରିବା ପରେ ପରିବାର ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। କୋଭିଡ ଡାକ୍ତରଖାନା ଓ ରୋଗୀ ସମ୍ପର୍କୀୟଙ୍କ ମଧ୍ୟରେ ସମନ୍ୱୟ ଅଭାବ ଯୋଗୁ ଏଭଳି ପରିସ୍ଥିତି ଉପୁଜୁଛି। ଘଟଣାସ୍ଥଳରେ ଅତିରିକ୍ତ ଏସ୍‌ପିଙ୍କ ସହ ଫୋର୍ସ ମୁତୟନ କରାଯାଇଥିବା ବେଳେ ଜିଲା ଚିକିତ୍ସାଧିକାରୀଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ।

# କାଳଡ୍ୟାମ ମୁଖ୍ୟ କେନାଲରେ ଘାଇ



**କପ୍ତିପଦା,୧୯।୯(ଡ଼ି.ଏନ.ଏ.)**

ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକର କାଳ ମଧ୍ୟମ ଜଳସେଚନ ପ୍ରକଳ୍ପର ମୁଖ୍ୟ କେନାଲରେ ଘାଇ ସୃଷ୍ଟି ହୋଇଛି। ଫଳରେ ନୁଦଡ଼ିହା କାଳ ଡ୍ୟାମକୁ ସଂଯୋଗ କରୁଥିବା କେନାଲ ରାସ୍ତା ବିଚ୍ଛିନ୍ନ ହୋଇପଡ଼ିଛି । ଡ୍ୟାମ୍‌ଠାରୁ ୪୦୦ ମିଟର ଦୂର ଅସନବଣି ହାରାମଣି ସଂସ୍କୃତ ମହାବିଦ୍ୟାଳୟ ନିକଟରେ ଏହି ଘାଇ ସୃଷ୍ଟି ହୋଇଛି। କେନାଲରରେ ଜଳ ସ୍ରୋତ ଅଧିକ ଥିବାରୁ ପୂର୍ବରୁ ଜମିକୁ ଜଳ ନିଷ୍କାସନ ହେଉଥିବା ସ୍ଥାନରେ ଏକ ଘାଇ ସୃଷ୍ଟି ହୋଇ ପାଖରେ ଥିବା ଜମିଗୁଡ଼ିକ ଜଳମଗ୍ନ ହେବା ସହିତ ବାଲିଚର ହୋଇଯାଇଥିଲା। ବିଭାଗୀୟ ଏସ୍‌ଡ଼ିଓ ଓ ଯନ୍ତ୍ରୀ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିଅନୁଧ୍ୟାନ କରି ଯୁଦ୍ଧକାଳୀନ ଭିତ୍ତିରେ ଘାଇ ମରାମତି କାର୍ଯ୍ୟ ଆରମ୍ଭ କରିଛନ୍ତି ।

# ବୋହୂର ସନ୍ତାନ ପାଇଁ ନାବାଳକଙ୍କୁ ହତ୍ୟା କରିଥିଲେ ଶ୍ୱଶୁର

**ବାହାନଗା, ୧୯।୯(ଡି.ଏନ.ଏ.)**

**ଅନ୍ଧବିଶ୍ୱାସର କରୁଣ ପରିଣତି**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ନୂଆପୁର ପଞ୍ଚାୟତର ଧଇଁଆ ସାହିରେ ଏକ ପୋଖରୀ ଭିତରୁ ଜଣେ ନାବାଳକଙ୍କ ବେକ ରଶିରେ ବନ୍ଧା ହୋଇଥିବା ଅବସ୍ଥାରେ ମୃତଦେହ କରାଯାଇଥିଲା। ପୋଲିସ୍ ଏହାର ତଦନ୍ତ କରି ୬ଦିନ ପରେ ଅଭିଯୁକ୍ତ ଲକ୍ଷ୍ମୀଧର ମଳିକ(୫୨)ଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି।

ଏହି ହତ୍ୟା ଘଟଣା ଅନ୍ଧବିଶ୍ୱାସର କରୁଣ ପରିଣତି ବୋଲି ଜଣାପଡିଛି। ନିଜ ବୋହୂର କୌଣସି ସନ୍ତାନ ନ ହେବାରୁ ଶ୍ୱଶୁରା ଲକ୍ଷ୍ମୀଧର ଠାକୁରଙ୍କ ସ୍ୱପ୍ନାଦେଶ ପାଇ ପଡୋଶୀରେ ରହୁଥିବା ୭ବର୍ଷର ନାବାଳକଙ୍କୁ ନିଜେ ହତ୍ୟା କରି ପାଣିକୁ ଫିଙ୍ଗିଦେଇଥିବା ପୋଲିସ୍ ଆଗରେ ଦୋଷ ସ୍ୱୀକାର କରିଛନ୍ତି। ଦୋଷ ସ୍ୱୀକାର କରିବା ପରେ କିପରି ବାଳକଙ୍କୁ ମାରିଥିଲେ ତାହାର ଡମି ଦେଖାଇବା ପାଇଁ ବାଲେଶ୍ୱର ସଦର ଏସଡିପିଓ ପ୍ରଭାସ ପାଲ, ଖନ୍ତାପଡା ଥାନା ଅଧିକାରୀ ସଞ୍ଜୟ କୁମାର ପରିଡା, ଗୋପାଳପୁର ଫାଣ୍ଡି ଅଧିକାରୀ ବଂଶୀଧର ପ୍ରଧାନ ପ୍ରମୁଖ ସଦଳବଳେ ଉକ୍ତ ସ୍ଥାନକୁ ନେଇ ତଦନ୍ତ କରିଥିଲେ। ଏହି ଘଟଣାକୁ ନେଇ ଗ୍ରାମରେ ଉତ୍ତେଜନା ଦେଖାଦେଇଛି । ଏନେଇ ଖନ୍ତାପଡା ଥାନାରେ ଏକ ହତ୍ୟା ମାମଲା (ନଂ.୨୯୭/୨୦) ରୁଜୁ କରାଯାଇଛି।

### ହୋଟେଲରେ ପୋଲିସ ଚଢ଼ାଉ

# ୨ ଗ୍ରାହକଙ୍କ ସହ ମ୍ୟାନେଜର ଅଟକ

**ଜଳେଶ୍ୱର, ୧୯।୯(ସ୍ୱ.ପ୍ର.)**

ବାଲେଶ୍ୱର ଜିଲା ଜଳେଶ୍ୱରସ୍ଥିତ ଏକ ହୋଟେଲରେ ସେକ୍ସ ର୍ୟାକେଟ ଚାଲିଥିବା ଖବରପାଇ ଶନିବାର ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ପୋଲିସ୍ ଏସ୍‌ଡିପିଓ ଅଙ୍କିତା କୁମ୍ଭାର ଓ ନୂତନ ଭାବେ ଯୋଗ ଦେଇଥିବା ଆଇଆଇସି ମାନସ ଦେଓ ଚଢ଼ାଉ କରିଥିଲେ। ଚଢାଉବେଳେ ହୋଟେଲରୁ ୨ଜଣ ଯୁବତୀଙ୍କୁ ଉଦ୍ଧାର କରାଯାଇଛି। ୨ଜଣ ଗ୍ରାହକଙ୍କ ସମେତ ହୋଟେଲର ମ୍ୟାନେଜରଙ୍କୁ ପୋଲିସ୍ ଅଟକ ରଖି ପଚରାଉଚରା କରୁଛି।

# ଅସୁସ୍ଥ ହାତୀ ମୃତ

**ବାରିପଦା ଅଫିସ,୧୯।୯**

ମୟୂରଭଞ୍ଜ ଜିଲା ଜାମଦା ବ୍ଲକ ଅଧୀନ ଗିରିଆମାଯାର ଜଙ୍ଗଲରୁ ଆସିଥିବା ମାଈ ହାତୀର ମୃତ୍ୟୁ ଘଟିଛି । ଦୁଇ ତିନି ଦିନ ପୂର୍ବରୁ ହାତୀ ଆସି ଆଖପାଖ ଗ୍ରାମରେ ଚଳପ୍ରଚଳ କରୁଥିଲା । ହାତୀର ଗତିବିଧି ସମ୍ପର୍କରେ ଜାମଦା ବନବିଭାଗର କର୍ମଚାରୀମାନେ ନଜର ରଖୁଥିଲେ। ଶୁକ୍ରବାରଠାରୁ ହାତୀଟି ଖାଇବା ପିଇବା ବନ୍ଦ କରିବା ପରେ ଶନିବାର ସକାଳେ ତାର ମୃତ୍ୟୁ ଘଟିଛି । ବାରିପଦା ଓ ରାଇରଙ୍ଗପୁର ବନବିଭାଗ ପକ୍ଷରୁ ଏକ ଦଳ ଘଟଣା ସ୍ଥଳରେ ପହଞ୍ଚି ହାତୀ ମୃତ୍ୟୁ ସମ୍ପର୍କରେ ତଦନ୍ତ କରିଛନ୍ତି ।


ମୃତ ମାଈହାତୀ

# ହାତୀ କରିଡରରେ ରାସ୍ତା ସମ୍ପ୍ରସାରଣ, ଜବାବ ମାଗିଲେ ଏନ୍‌ଜିଟି

**କେନ୍ଦୁଝର, ୧୯।୯ (ସ୍ୱ.ପ୍ର.)**

୨୦୧୬ ରେ ଏକ ମଧ୍ୟବର୍ତ୍ତୀକାଳୀନ ଆଦେଶ ରହିଛି ଯେ ଚିହ୍ନିତ ରାଜ୍ୟର ସମସ୍ତ ୧୪ ହାତୀ ଚଳପ୍ରଚଳ ଅଞ୍ଚଳରେ (ହାତୀ କରିଡର) କୌଣସି କ୍ଷତିକାରକ କାର୍ଯ୍ୟ କରାଯିବ ନାହିଁ । ଅର୍ଥାତ ଏହି ଅଞ୍ଚଳରେ ଜଙ୍ଗଲ ନଷ୍ଟ, ରାସ୍ତା ଓ ରେଳଲାଇନ ନିର୍ମାଣ ଆଦି କାମ ହୋଇ ପାରିବ ନାହିଁ। ତେବେ ଏହା ସତ୍ତ୍ୱେ କେନ୍ଦୁଝର ଜିଲାର ତେଲକୋଇ–ପାଲଲହଡା ହାତୀ ଚଳପ୍ରଚଳ ଅଞ୍ଚଳରେ ଜଙ୍ଗଲ ଓ ପାହାଡ ନଷ୍ଟ କରି କଲିକତା–ମୁମ୍ବାଇ ( ଏନ୍‌ଏଚ୍ ୪୯) ରାସ୍ତାର ପ୍ରଶସ୍ତିକରଣ କାମ ଚାଲିଥିବାରୁ ଏହାକୁ ନେଇ ଓଡିଶା ବନ୍ୟପ୍ରାଣୀ ସମିତି ପକ୍ଷରୁ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲରେ ସରକାରଙ୍କୁ ପକ୍ଷଭୂତ କରି ଅଭିଯୋଗ କରିଛନ୍ତି। ରହିତା ଦେଶ ସତ୍ତ୍ୱେ କିପରି ରାସ୍ତା ସମ୍ପ୍ରସାରଣ କାମ କରାଯାଉଛି ଏବଂ ଏନେଇ କେନ୍ଦୁଝର ଡିଏଫଓ ସରକାରଙ୍କୁ କାହିଁକି ଅବଗତ କଲେ ନାହିଁ ବୋଲି ସମିତି ପକ୍ଷରୁ ଆବେଦନ କରିଥିବା ଆଇନଜୀବୀ ଶଙ୍କର ପ୍ରସାଦ ପାଣି ପ୍ରଶ୍ନ କରିଛନ୍ତି। ଫଳରେ ରାସ୍ତାକାମ କରୁଥିବା ସଂସ୍ଥା ଏହି ସଂପ୍ରସାରଣ କାମ ବହୁ ଅର୍ଥ ଖର୍ଚ୍ଚ କରି କାମ ଜାରିରଖିଥିବାରୁ ଏନେଇ ବନ ବିଭାଗ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ ବୋଲି ମତ ପ୍ରକାଶ ପାଉଛି।



ଏନ୍‌ଏଚ୍ ୪୯ରେ ରାସ୍ତା ସମ୍ପ୍ରସାରଣ କାମ ଚାଲିଛି।

ଏଠାରେ ସୂଚନା ଯୋଗ୍ୟ ଯେ, ରାଜ୍ୟରେ ୨୩ ଟି କରିଡର ରହିଥିବା ସରକାର ୨୦୧୧ ମସିହାରେ ଚିହ୍ନଟ କରିଥିଲେ। ସେଥିରୁ ୧୪ଟି କରିଡରକୁ ମାନ୍ୟତା ଦିଆଯାଇଛି। ଅନ୍ୟ ୯ଟିକୁ ମାନ୍ୟତା ମିଳିପାରିନାହିଁ। ତନ୍ମଧ୍ୟରୁ ଜିଲାରେ ତେଲକୋଇ–ପାଲଲହଡା ଓ କାରୋ–କରମପଦା ଅଞ୍ଚଳକୁ କରିଡର୍ ଚିହ୍ନଟ କରାଯାଇଛି। ତେବେ ସେବୁକୁ କାର୍ଯ୍ୟକାରୀ କରାଯାଉନଥିବା ବେଳେ ଏବେ ସୁରକ୍ଷା ଅଭାବରୁ ଅବକ୍ଷୟ ହେବାକୁ ଲାଗିଛି। ଏଣୁ ଏହି ନଷ୍ଟ ହୋଇଯାଇଥିବା କରିଡର ଗୁଡିକର ସୁରକ୍ଷା କରିବା ପାଇଁ ଏନଜିଟିର ଆଶ୍ରୟ ନିଆଯାଇଛି ବୋଲି ଆବେଦକଙ୍କ ପକ୍ଷରୁ କୁହାଯାଇଛି। ଏହି କରିଡର ଗୁଡିକର ସୁରକ୍ଷା କରିବା ସହ ହାତୀ ଓ ଅନ୍ୟ ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ପରିବେଶବିତ ମାନେ ମତବ୍ୟକ୍ତ କରିଛନ୍ତି। ଅନ୍ୟପକ୍ଷରେ ଏହି କରିଡର୍ ଗୁଡିକର ସ୍ଥିତି ଅନୁଧ୍ୟାନ କରି ରିପୋର୍ଟ ଦେବା ପାଇଁ ଏନଜିଟି ପକ୍ଷରୁ ରାଜ୍ୟ ସରକାରଙ୍କୁ ୨ ମାସ ସମୟ ଦେଇଥିଲେ ହେଁ, ରିପୋର୍ଟପ୍ରଦାନ କରାଯାଇନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି ।

# ଇନ୍ସପେକ୍ଟର, ଏଏସ୍‌ଆଇ ସ୍ତରରେ ଅଦଳବଦଳ

**କେନ୍ଦୁଝର, ୧୯।୯(ଡି.ଏନ.ଏ./ସ୍ୱ.ପ୍ର.)**

କେନ୍ଦୁଝର ପୋଲିସ ମୁଖ୍ୟାଳୟ ପକ୍ଷରୁ ଇନ୍ସପେକ୍ଟର ଏବଂ ଏଏସଆଇ ସ୍ତରରେ ଏକ ଛୋଟ ଧରଣର ଅଦଳବଦଳ ହୋଇଛି। ଗୁରୁତ୍ୱପୂର୍ଣ୍ଣ ଟାଉନ ଥାନା ଆଇଆଇସି ଭାବେ ରାଉଲକେଲାରୁ ବଦଳି ହୋଇ ଆସିଥିବା ଇନ୍ସପେକ୍ଟର ପ୍ରମୋଦିନୀ ସାହୁଙ୍କୁ ଅବସ୍ଥାପିତ କରାଯାଇଥିବାବେଳେ ଏଠାରେ ଗତ ୮ ମାସ ଅମିତ କୁମାର ଭୂୟାଁ ଏହି ଦାୟିତ୍ୱ ନିର୍ବାହ କରୁଥିଲେ। ଏହାପୂର୍ବରୁ ସେ ରାମଚନ୍ଦ୍ରପୁର ଥାନାରେ ସେକେଣ୍ଡ ଅଫିସର ଭାବେ ୨୦୧୫ରୁ ୨୦୧୬ ଏବଂ ପାଟଣା ଥାନା ଅଧିକାରୀ ଭାବେ ୨୦୧୭ରୁ ୨୦୧୯ ପର୍ଯ୍ୟନ୍ତ ଥିଲେ। ଏଏସ୍‌ଆଇ ଶିବପ୍ରସାଦ ଆଇଚଙ୍କର ତେଲକୋଇ ଥାନାରୁ ସାହାରପଡା ଫାଣ୍ଡିକୁ ଏବଂ ଏଏସଆଇ ମନୋହର ମହାନ୍ତଙ୍କର ସାହାରପଡା ଫାଣ୍ଡିରୁ ସଦର କୋର୍ଟକୁ ବଦଳି ହୋଇଛି। କାର୍ଯ୍ୟରେ ତୁରନ୍ତ ଯୋଗଦାନ କରିବାକୁ ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶ ରହିଛି।

# ସଂକ୍ରମଣକୁ ନେଇ ବଢୁଛି ଚିନ୍ତା

**ତିହିଡ଼ି, ୧୯।୯(ସ୍ୱ.ପ୍ର.)**

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଗୋବିନ୍ଦପୁର ପଞ୍ଚାୟତର କୁଆଁରଚତର ଗ୍ରାମରେ ଗତ ୮ ଦିନରେ ୨୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହି ଘଟଣା ପ୍ରଘଟ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ୨ଟି ୱାର୍ଡ ବିଶିଷ୍ଟ ଏହି ଗାଁର ୫୧୦ରୁ ଅଧିକ ଲୋକ ବସବାସ କରନ୍ତି। ଗତ ୮ ଦିନ ତଳେ ଲକ୍ଷଣଯୁକ୍ତ କେତେକ ଗ୍ରାମବାସୀ ତିହିଡ଼ି କୋଭିଡ୍ କେୟାରରେ କରୋନା ପରୀକ୍ଷା କରାଇଥିଲେ। ସେମାନଙ୍କ ମଧ୍ୟରେ ୨ ଜଣ ଆକ୍ରାନ୍ତ ଥିବା ରିପୋର୍ଟ ମିଳିଥିଲା। ଏହାର ୪ଦିନ ପରେ ଗାଁରେ ସାମୁହିକ କରୋନା ପରୀକ୍ଷା କରାଯାଇଥିଲା। ଏଥିରେ ଗତ ଗୁରୁବାର ୧୬୦ ଜଣଙ୍କର ପରୀକ୍ଷା କରାଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨୦ ଜଣ କରୋନା ଆକ୍ରାନ୍ତ ହୋଇଥିବା ରିପୋର୍ଟରୁ ଜଣାଯାଇଛି। ତେବେ ଏତେ ସଂଖ୍ୟାରେ କରୋନା ଆକ୍ରାନ୍ତ ହୋଇଥିବା ଖବର ପ୍ରଚାରିତ ହେବା ପରେ ଗାଁ ଓ ପଞ୍ଚାୟତ ଲୋକ ଭୟଭୀତ ଅଛନ୍ତି। ତେବେ ସରକାରଙ୍କ ଗାଇଡ୍‌ଲାଇନ୍ ଅନୁଯାୟୀ ଲୋକେ ସଚେତନ ହେବା ସହିତ ଗ୍ରାମରେ ବାକିଥିବା ସମସ୍ତ ଲୋକେ ନିଜର ପରୀକ୍ଷା କରାଇନେବାକୁ ସରପଞ୍ଚ ମାନସ ସାହୁ ନିବେଦନ କରିଛନ୍ତି।

# ପଣ୍ଡିତ ଲାକୋବଦ୍ରାଙ୍କ ଜୟନ୍ତୀ

**ବାଙ୍ଗିରିପୋଷି,୧୯।୯(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ବ୍ଲକ ଅନ୍ତର୍ଗତ ଅସନା ଗ୍ରାମରେ ଶନିବାର ପ୍ରଥମ ଥର ପାଇଁ ପଣ୍ଡତ ଲାକୋବଦ୍ରାଙ୍କ ୧୦୧ ତମ ଜନ୍ମଦିନ ପାଳିତ ହୋଇ ଯାଇଛି । ଗ୍ରାମର ଠୁଲୁ ସିଂ ହେମ୍ବ୍ରମ ପଣ୍ଡିତ ଲାକୋବଦ୍ରାଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ ସରୂପ ପୂଜା ଅର୍ଚ୍ଚନା କରିଥିଲେ। ଏହି ସଭାରେ ଦୁଲ୍ଲଭ ସିଂ ସୋଏ ମୁଖ୍ୟଅତିଥି ଭାବେ ଯୋଗଦେଇ ଲାକୋବଦ୍ରାଙ୍କ ଆତ୍ମଜୀବନୀ ବିଷୟରେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଚିଟ ହେମ୍ବ୍ରମ ହୋ ସମାଜ କିପରି ଆହୁରୀ ଉନ୍ନତି କରିବ ସେ ବିଷୟରେ ନିଜର ବକ୍ତବ୍ୟ ରଖିଥିଲେ। ଏହି ସଭାରେ ଗ୍ରାମର ବିଜୟ ସିଂ ହେମ୍ବ୍ରମ, ଶମ୍ଭୁନାଥ ସିଂ ହେମ୍ବ୍ରମ, କାଲୁଚରଣ ହେମ୍ବ୍ରମଙ୍କ ସମେତ ଗାଁ ଲୋକେ ଉପସ୍ଥିତ ଥିଲେ ।

# ୨୧ରୁ ଜାତୀୟ କୃମିନାଶକ କାର୍ଯ୍ୟକ୍ରମ

**ବାଲେଶ୍ୱର ଅଫିସ, ୧୯।୯**

**୬, ୩୭ ,୫୬୫ ପିଲାଙ୍କୁ ଔଷଧ ଦିଆଯିବାକୁ ଲକ୍ଷ୍ୟ**

ବାଲେଶ୍ୱର ଜିଲାରେ ଜାତୀୟ କୃମିନାଶ କାର୍ଯ୍ୟକ୍ରମ ଆସନ୍ତା ୨୧ରୁ ଆରମ୍ଭ ହୋଇ ସେପ୍ଟେମ୍ବର ୨୬ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଜିଲାର ୧ରୁ ୧୯ବର୍ଷ ପିଲାଙ୍କୁ କୃମିନାଶକ ଔଷଧ ଦିଆଯିବ। ଏନେଇ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । କୃମି ଯୋଗୁ ଶିଶୁ ରକ୍ତହୀନତା ଏବଂ ଅପପୁଷ୍ଟିଜନିତ ରୋଗରେ ସଂକ୍ରମିତ ହେଉଥିବା ବେଳେ ତା'ର ଶାରୀରିକ ଓ ମାନସିକ ବିକାଶ ବାଧାପ୍ରାପ୍ତ ହୋଇଥାଏ। ତେଣୁ ସମସ୍ତ ଶିଶୁଙ୍କୁ ଯେପରି କୃମିନାଶକ ଔଷଧ ଦିଆଯାଇପାରିବ, ସେଥିନିମନ୍ତେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ନିର୍ଦ୍ଦେଶ ଦେଇଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସ୍କୁଲ ଓ ଗଣଶିକ୍ଷା ଏବଂ ମହିଳା ଓ ଶିଶୁ ବିକାଶ ଭଳି ବିଭାଗ ପରସ୍ପର ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ କରିବାକୁ କୁହାଯାଇଛି।

ଆଶା, ଅଙ୍ଗନୱାଡ଼ି ଓ ସ୍ୱାସ୍ଥ୍ୟକର୍ମୀମାନେ ପ୍ରତ୍ୟେକ ଘରକୁ ଯାଇ ସମସ୍ତ ପିଲାଙ୍କୁ କୃମିନାଶକ ଔଷଧ ଖୁଆଇବେ। ଗୃହ ପରିଦର୍ଶନ ସମୟରେ ନିଜର ମୁହଁକୁ ମାସ୍କ ଦ୍ୱାରା ସମ୍ପୂର୍ଣ୍ଣ ଆବୃତ୍ତ ରଖିବା ସହ ସମସ୍ତ ପରିବାର ସଦସ୍ୟ ମାସ୍କ ପିନ୍ଧିବା କଥାକୁ ସୁନିଶ୍ଚିତ କରିବେ। ସମସ୍ତଙ୍କଠାରୁ ୬ଫୁଟ ଶାରୀରିକ ଦୂରତା ବଜାୟ ରଖିବା ସହିତ ଟାବ୍‌ଲେଟ ଦେବା ପୂର୍ବରୁ ହାତକୁ ପାଣି ଓ ସାବୁନ ଦ୍ୱାରା ଭଲ ଭାବରେ ଧୋଇବେ କିମ୍ବା ସାନିଟାଇଜ କରିବେ। କୃମିନାଶକ ଔଷଧ ଦେବା ପୂର୍ବରୁ ଗୃହର ସଦସ୍ୟମାନଙ୍କ ସମ୍ବନ୍ଧରେ ଯାଞ୍ଚ କରିବେ। ଯଦି କୌଣସି କୋଭିଡ୍–୧୯ ରୋଗୀ ଘରେ ଥିବେ କିମ୍ବା କୌଣସି ସଦସ୍ୟଙ୍କର କୋଭିଡ୍–୧୯ ଲକ୍ଷଣ ଥିବ ତେବେ ସେହି ଘରେ କୃମିନାଶକ ଔଷଧ ଦେବା କାର୍ଯ୍ୟକ୍ରମ ବନ୍ଦ କରି ବ୍ଲକ ଚିକିତ୍ସାଧିକାରୀଙ୍କୁ ଯୋଗାଯୋଗ କରିବେ। ସେହିପରି ଯେଉଁ ପିଲା ଅସୁସ୍ଥ ଥିବେ କିମ୍ବା ଅନ୍ୟ ଔଷଧ ସେବନ କରୁଥିବେ ସେମାନଙ୍କୁ କୃମିନାଶକ ଔଷଧ ଦିଆ ନ ଯାଇ ସୁସ୍ଥ ହେବା ପରେ ଦିଆଯିବାକୁ କୁହାଯାଇଛି। କେତେକ କ୍ଷେତ୍ରରେ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଦେଲେ ୧୦୨ ଆମ୍ବୁଲାନ୍ସକୁ ଡାକିବା ବା ୧୦୮କୁ କଲ୍ କରିବାକୁ ପରାମର୍ଶ ଦିଆଯାଇଛି। ଜିଲାରେ ୬ ଲକ୍ଷ ୩୭ହଜାର ୫୬୫ ପିଲାଙ୍କୁ କୃମିନାଶକ ଦିଆଯିବାକୁ ଲକ୍ଷ୍ୟ ରଖାଯାଇଛି। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଦୁଲାଳ ସେନ ଜଗଦ୍ଦେବ ସ୍ୱାସ୍ଥ୍ୟ ବିଭାଗ ସମେତ ଅନ୍ୟାନ୍ୟ ବିଭାଗର ଅଧିକାରୀମାନଙ୍କ ସହ ସମନ୍ୱୟ ରକ୍ଷା କରି ଏହାର ପରିଚାଳନା କରିବେ। ଏହି କାର୍ଯ୍ୟକ୍ରମ ଯେପରି ସମ୍ପୂର୍ଣ୍ଣ ସଫଳ ହୋଇପାରିବ ସେଥିନିମନ୍ତେ ସବୁ ସ୍ତରରେ ଉଦ୍ୟମ କରିବାକୁ ଜିଲାପାଳ ଚକ୍ରବର୍ତ୍ତୀ ପରାମର୍ଶ ଦେଇଛନ୍ତି ।

# ଉନ୍ନୟନ କାମରେ ଅନିୟମିତତା ନେଇ ଗଣ୍ଡଗୋଳ

**କପ୍ତିପଦା, ୧୯।୯(ଡ଼ି.ଏନ.ଏ.)**

ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ ଅଧୀନ ପିଙ୍ଗୁ ପଞ୍ଚାୟତରେ ୨୦୧୯–୨୦ ଆର୍ଥିକ ବର୍ଷରେ ପଞ୍ଚାୟତ ସମିତି ପକ୍ଷରୁ ଏମ୍‌ଜିଏନ୍‌ଆରଇଜିଏ ୭ଟି ପ୍ରକଳ୍ପ ଅନୁମୋଦନ ହୋଇଛି । ଏହି ପ୍ରକଳ୍ପଗୁଡିକରେ କାମ ଆରମ୍ଭ ହୋଇଥିବା ବେଳେ ବ୍ୟାପକ ଅନିୟମିତତା କରାଯାଉଥିବା ନେଇ ଗ୍ରାମବାସୀ ବିଡିଓ ଓ ସହକାରୀ ଯନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି। ଲୋକଙ୍କ ଅଭିଯୋଗକୁ ଭିତ୍ତି କରି ସହକାରୀ ଯନ୍ତ୍ରୀ ସଦାଶିବ ବେହେରା କାର୍ଯ୍ୟସ୍ଥଳକୁ ଯାଇ ତଦାରଖ କରିଛନ୍ତି।

ଏ ସଂକ୍ରାନ୍ତରେ ଜିଲାପାଳ ଓ ବ୍ଲକ ପ୍ରଶାସନକୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଏପରିକି ଠିକାଦାର ଓ ଅଭିଯୋଗକାରୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇ ପୃଥକ ମାମଲା ରୁଜୁ ହୋଇଛି । ଏହାପରେ ମଧ୍ୟ ପ୍ରଶାସନ ନିଦାବିଷ୍ଟୁ ସାଜିଛି । ପ୍ରଶାସନ ଯଦି ଏହାର


ସହକାରୀ ଯନ୍ତ୍ରୀ ଅଭିଯୋଗକାରୀଙ୍କ ସହିତ ଆଲୋଚନା କରୁଛନ୍ତି।

ବିଧିବଦ୍ଧ ତଦନ୍ତ କରି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରେ ତେବେ ଗ୍ରାମବାସୀ ମୁଖ୍ୟମନ୍ତ୍ରୀ, ଲୋକଯୁକ୍ତ, ଜିଲାପାଳ ଓ ଭିଜିଲାନ୍ସର ଦ୍ୱାରସ୍ଥ ହେବେ ବୋଲି ପ୍ରକାଶ କରିଛନ୍ତି। ଅନୁମୋଦନ ହୋଇଥିବା ୭ଟି କାମ ହେଲା ପିଙ୍ଗୁ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଭୋଳାନାଥଙ୍କ ଘର ପର୍ଯ୍ୟନ୍ତ ଡ୍ରେନ ନିର୍ମାଣ, ପିଙ୍ଗୁ ବନ୍ଦାରବଣୀ ଛକଠାରୁ ଆର.ଡି ରାସ୍ତା ପର୍ଯ୍ୟନ୍ତ ଡ୍ରେନ ନିର୍ମାଣ, ଜଗବନ୍ଧୁଙ୍କ ଘରଠାରୁ ପିଙ୍ଗୁ ଶିବ ମନ୍ଦିର ପର୍ଯ୍ୟନ୍ତ ଡ୍ରେନ ନିର୍ମାଣ, ଦେଶବନ୍ଧ ଗ୍ରାମରେ ଡ୍ରେନ ନିର୍ମାଣ, ଶଶିଧର ବେହେରାଙ୍କ ଘରଠାରୁ ଭାସ୍କର ବେହେରାଙ୍କ ଘର ପର୍ଯ୍ୟନ୍ତ ଡ୍ରେନ ନିର୍ମାଣ, ଅସନବଣୀ ଅନ୍ତର୍ଯ୍ୟାମୀଙ୍କ ଘରଠାରୁ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ଡ୍ରେନ ନିର୍ମାଣ ଓ ତୁଇଁପୋଷି ହାଟଲିଙ୍ଗ ସାହିରେ ଡ୍ରେନ ନିର୍ମାଣ ରହିଛି। ପ୍ରତି କାମରେ ୯ଲକ୍ଷ ଟଙ୍କା ବ୍ୟୟ ଅଟକଳ ଥିବା ବେଳେ ଏହା ୬୦ ପ୍ରତିଶତ ଶ୍ରମିକ ଓ ୪୦ ପ୍ରତିଶତ ମେଟେରିଆଲ ବାବଦରେ ଖର୍ଚ୍ଚ ହେବ ବୋଲି ବିଭାଗ ସୂତ୍ରରୁ ଜଣାଯାଇଛି। ପିଙ୍ଗୁ ଗ୍ରାମରେ ଥିବା କାମଗୁଡିକରେ ସମସ୍ତ ସ୍ଥାନରେ କଂକ୍ରିଟ ଡ୍ରେନ ସହିତ କଂକ୍ରିଟ ରାସ୍ତା ରହିଛି। ମାତ୍ର ଆବଶ୍ୟକ ନ ଥାଇ ଭଲଥିବା ପୁରୁଣା ଡ୍ରେନଗୁଡ଼ିକୁ ଭାଙ୍ଗି ନୂତନ ଡ୍ରେନ କାମ ଆରମ୍ଭ ହୋଇଛି। କାମ ଆରମ୍ଭ ପୂର୍ବରୁ ଯନ୍ତ୍ରୀ କାମଗୁଡିକର ଫଟୋ ଉଠାଇ ଅପଲୋଡ କରିବା ପରେ ସହକାରୀ ଯନ୍ତ୍ରୀ ଏହାର ଫିଜିବିଲିଟି ଦେଖି ଜିଓଟ୍ୟାଗ କରିବାର ନିୟମ ରହିଛି । ମାତ୍ର ତାହା ଠିକ୍ ଭାବେ କରାଯାଇ ନ ଥିବାର ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସହକାରୀ ଯନ୍ତ୍ରୀ ସଦାଶିବ ବେହେରାଙ୍କୁ ପଚାରିବାରୁ ଅନିୟମିତତାକୁ ପ୍ରଶୟ ଦିଆଯିବ ନାହିଁ। କାମଗୁଡିକୁ ଠିକ୍ ଭାବେ ଦେଖିବା ପରେ ଯାହା କିଛି କରାଯିବ ବୋଲି କହିଛନ୍ତି। କପ୍ତିପଦା ବିଡ଼ିଓ ସତ୍ୟନାଥ ନାଏକ୍‌ଙ୍କୁ ପଚାରିବାରୁ ଅଭିଯୋଗ ସମ୍ପର୍କରେ ବୁଝିବେ ବୋଲି କହିଛନ୍ତି ।

## ସଂକ୍ଷେପରେ

### ରୋଗ ଯନ୍ତ୍ରଣା ସହି ନ ପାରି ବୃଦ୍ଧଙ୍କ ଆତ୍ମହତ୍ୟା

**ବାଲିଆପାଳ, ୧୯।୯(ସ୍ୱ.ପ୍ର.):** ବାଲେଶ୍ୱର ଜିଲା ବାଲିଆପାଳ ଥାନା ଅଳାଡ଼ିହା ପଞ୍ଚାୟତର ଗଣ୍ଡଦଳାବାଲିବିଲ ଗ୍ରାମର ଜଣେ ୭୦ବର୍ଷୀୟ ବୃଦ୍ଧ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଗଣ୍ଡଦଳାବାଲିବିଲର ଚିନ୍ତାମଣି ପଢ଼ିଆରୀ।

ଚିନ୍ତାମଣି ବହୁଦିନ ଧରି ପେଟ ରୋଗରେ ପୀଡ଼ିତ ରହି କଷ୍ଟ ଭୋଗୁଥିଲେ। ହଜାର ହଜାର ଟଙ୍କାର ଔଷଧ ଖାଇ ମଧ ଭଲ ହୋଇ ନ ଥିଲା। ଏହାଛଡ଼ା ଆର୍ଥିକ ପରିସ୍ଥିତି ସ୍ୱଚ୍ଛଳ ନ ଥିବାରୁ ବାରମ୍ବାର ଔଷଧ କିଣିପାରୁ ନ ଥିଲେ। ପେଟର ଯନ୍ତ୍ରଣା ଦିନକୁ ଦିନ ବଢୁଥିବାରୁ ଯନ୍ତ୍ରଣା ସହି ନ ପାରି ଚିନ୍ତାମଣି ଆତ୍ମହତ୍ୟା କରିଥିବା ଜାମାକୁଣ୍ଡା ଫାଣ୍ଡି ଅଧିକାରୀ ଶାରଦା ପ୍ରସନ୍ନ ମୁଦୁଲି ପ୍ରକାଶ କରିଛନ୍ତି। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଏକ ଅପମୃତ୍ୟୁ ମାମଲା (ନଂ. ୩୪/୨୦) ରୁଜୁ କରିଛି।

### ଟିଏମ୍ସି ବିଲ୍ ଦାବିରେ ଧାରଣା ଜାରି

**ଭଣ୍ଡାରିପୋଖରୀ, ୧୯।୯(ଡି.ଏନ.ଏ.):** ସରକାରଙ୍କ ନିର୍ଦ୍ଦେଶକ୍ରମେ ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ୨୩ ପଞ୍ଚାୟତରେ ହୋଇଥିବା ଟିଏମ୍ସି(ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର) ପରିଚାଳନା ବାବଦ ବିଲ ପୈଠ କରାଯାଇ ନ ଥିବାରୁ ବ୍ଲକ ସମ୍ମୁଖରେ ସରପଞ୍ଚଙ୍କ ଧାରଣା ଶନିବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଜିଲାପାଳ ଘଟଣାସ୍ଥଳକୁ ଆସି ପ୍ରତିଶ୍ରୁତି ଦେବା ପରେ ଧାରଣାରୁ ଓହରିବେ ବୋଲି ସରପଞ୍ଚମାନେ କହିଛନ୍ତି। ଏହି ଧାରଣାରେ ସରପଞ୍ଚ ମନୋଜ ନାୟକ, ପ୍ରଶାନ୍ତ ସାହୁ, ବିଜୟ ସ୍ୱାଇଁ, ସୁବାସ କାଣ୍ଡି , ବିଜୟ ଶଙ୍କର ମହାନ୍ତି , ସଦାଶିବ ଦାସ, ଜଗବନ୍ଧୁ ଦାସ, ଜୟନ୍ତୀ ବେହେରା, ତପସ୍ୱିନୀ ବେହେରା, ସରପଞ୍ଚ ପ୍ରତିନିଧି ବିରେନ୍ଦ୍ର ନାୟକ ଓ ପ୍ରତ୍ୟୁଷ ସାମଲ ପ୍ରମୁଖ ସାମିଲ ହୋଇଛନ୍ତି।

### ଅବସରପ୍ରାପ୍ତ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ପରଲୋକ

**ଖଇରା,୧୯।୯ (ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ବ୍ଲକ ସାରୁଗାଁ ପଞ୍ଚାୟତ ଅଧୀନ କାକୁଡିଆ ଗ୍ରାମର ଗଣପତି ଲେଙ୍କା(୮୨) କିଡ୍ନି ଓ ମଧୁମେହ ଜନିତ ରୋଗରେ ଶନିବାର ସକାଳେ ପ୍ରାଣ ହରାଇଛନ୍ତି। ସ୍ୱର୍ଗତ ଲେଙ୍କା ୨୦୦୮ ମସିହାରେ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଅବସର ଗ୍ରହଣ କରିବା ପରେ ନିଜକୁ ସ୍ୱାମୀ



ନିଗମାନନ୍ଦଙ୍କ ବାଣି ପ୍ରଚାରରେ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ। ଅନନ୍ତପୁର, ସୋର ଏବଂ ମହତାପୁର ଠାରେ ନିଗମାନନ୍ଦ ଆଶ୍ରମ ପ୍ରତିଷ୍ଠାରେ ମୁଖ୍ୟ ପୁରୋଧା ସାଜିଥିଲେ। ଖଇରା ବ୍ଲକ ଜଣେ ଅମାୟିକ ଆଧ୍ୟାତ୍ମିକବାଦୀ ମଣିଷକୁ ହରାଇଲା ବୋଲି ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ପ୍ରକାଶ କରିଛନ୍ତି । ସେହିଭଳି ତାଙ୍କର ମୃତ୍ୟୁ ଖବର ପାଇ ବହୁ ନିଗମାନନ୍ଦ ଭକ୍ତ, ଶୁଭେଚ୍ଛୁ ମର ଶରୀର ଦର୍ଶନ କରିବା ସହ ପରିବାରକୁ ସମବେଦନା ଜଣାଇଛନ୍ତି । ମଧମପୁତ୍ର ବଳରାମ ଲେଙ୍କା ତାଙ୍କୁ ମୁଖାଗ୍ନି ଦେଇଥିଲେ।

# ମୁଖ୍ୟ ରାସ୍ତା ପାଲଟିଛି ପାର୍କିଂ ଜୋନ୍

**ଭଦ୍ରକ ଅଫିସ, ୧୯।୯**

ଭଦ୍ରକ ଜିଲା ସଦର ମହକୁମାକୁ ବାଦ୍ ଦେଲେ ଅନ୍ୟ କୌଣସି ବ୍ଲକରେ ସ୍ଥାୟୀ ବସ୍ଷ୍ଟାଣ୍ଡ ନ ଥିବାରୁ ଯାତ୍ରୀ ହଇରାଣ ହେଉଛନ୍ତି। ମୁଖ୍ୟ ରାସ୍ତା ହିଁ ବସ୍ଷ୍ଟାଣ୍ଡର ପରିଚୟ ବହନ କରିଛି। ଫଳରେ କୌଣସି ସ୍ଥାନରେ ଯାତ୍ରୀମାନଙ୍କ ପାଇଁ ବିଶ୍ରାମାଗାର, ପରିସ୍ରାଗାର, ଶୌଚାଳୟ ଅଭାବରୁ ନାନା ଅସୁବିଧା ଭୋଗୁଛନ୍ତି। ଏନେଇ ମହିଳା ଯାତ୍ରୀ ବହୁ ହଇରାଣ ହେଉଛନ୍ତି। ଭଦ୍ରକ ପୌରାଞ୍ଚଳ ଅଧୀନରେ ଯଦିଓ ବସ୍ଷ୍ଟାଣ୍ଡ ରହିଛି କିନ୍ତୁ ସେଠାରୁ ସମସ୍ତ ବସ୍ ଗନ୍ତବ୍ୟ ସ୍ଥଳକୁ ଯାଉନାହିଁ।

ଦୈନିକ ଭଦ୍ରକରୁ ବାଲେଶ୍ୱର, କୋଲକାତା, ଭୁବନେଶ୍ୱର, ବ୍ରହ୍ମପୁର, କଟକ ଅଞ୍ଚଳ ସମେତ ଜିଲାର ସମସ୍ତ ବ୍ଲକ ମୁଖ୍ୟାଳୟଗୁଡ଼ିକୁ ଛୋଟବଡ଼ ବସ୍ ଯାତାୟାତ କରୁଥିଲେ ମଧ ବସ୍ଷ୍ଟାଣ୍ଡ କାର୍ଯ୍ୟକ୍ଷମ ହୋଇପାରୁନି। ବସ୍ ସିଣ୍ଡିକେଟର ଉଦ୍ୟମକ୍ରମେ ବନ୍ତଛକ ନିକଟରେ ଅସ୍ଥାୟୀ ବସ୍ଷ୍ଟାଣ୍ଡ କରାଯାଇ ଯାତ୍ରୀଙ୍କୁ ସେବା ଯୋଗାଯାଉଛି। ଏଠାରେ ସରକାରୀ ସ୍ତରରେ ଯାତ୍ରୀ ବିଶ୍ରାମାଗାର ହୋଇନାହିଁ। ବସ୍ ସିଣ୍ଡିକେଟର ବାରଣ୍ଡା

## ବ୍ଲକ ମୁଖ୍ୟାଳୟରେ ନାହିଁ ବସ୍ଷ୍ଟାଣ୍ଡ




ଆଗରପଡ଼ା ରାସ୍ତା ଉପରେ ବସ୍ଷ୍ଟାଣ୍ଡ।

ହିଁ ଯାତ୍ରୀଙ୍କ ପାଇଁ ବିଶ୍ରାମାଗାର ପାଲଟିଛି । ପ୍ରଶାସନର ଆନ୍ତରିକତା ଅଭାବରୁ ବସ୍ଷ୍ଟାଣ୍ଡ କାର୍ଯ୍ୟକ୍ଷମ ହୋଇପାରୁ ନ ଥିବା ସମାଲୋଚନା ସାଧାରଣରେ ହେଉଛି। ଭଣ୍ଡାରୀପୋଖରୀ ବ୍ଲକ ଜିଲାର ଅନ୍ୟ ଏକ ପେଣ୍ଠସ୍ଥଳୀ । ସେଠାରେ ଜାତୀୟ ରାଜପଥ ହିଁ ବସ୍ଷ୍ଟାଣ୍ଡ ପାଲଟିଛି। ଗୋଟିଏ ବିଶ୍ରାମାଗାର ରହିଛି। ତାହା ଭଦ୍ରକରୁ ଭୁବନେଶ୍ୱର ଯାଉଥିବା ରାସ୍ତା ପାର୍ଶ୍ୱରେ ରହିଥିବାରୁ ଅନ୍ୟ ପାର୍ଶ୍ୱର ଯାତ୍ରୀମାନେ ନାନା ସମସ୍ୟା ଭୋଗୁଛନ୍ତି। ପାନୀୟ ଜଳର ବ୍ୟବସ୍ଥା ନାହିଁ । ପରିଶ୍ରାଗାର କିମ୍ବା ଶୌଚାଳୟ ବ୍ୟବସ୍ଥା ହୋଇନି। ସେହି ବସ୍ଷ୍ଟାଣ୍ଡ ଉପରେ ଭୁବନେଶ୍ୱର ଓ ବାଲେଶ୍ୱରକୁ ଯିବା ପାଇଁ ଦୈନିକ ହଜାର ହଜାର ଲୋକ ନିର୍ଭର କରୁଛନ୍ତି। ଉକ୍ତ ସମସ୍ୟା ପ୍ରତି କାହାର ଦୃଷ୍ଟି ପଡୁନାହିଁ। ଏପରି ସମାନ ଅବସ୍ଥା ଚିହିଡ଼ିରେ ମଧ ଦେଖିବାକୁ ମିଳିଛି। ଭଦ୍ରକରୁ ଚାନ୍ଦବାଲି ୫୨ କି.ମି.। ଏହି ୫୨କି.ମି.ଭିତରେ ଗୋଟିଏ ମଧ ଯାତ୍ରୀ ବିଶ୍ରାମାଗାର ନାହିଁ। ମୁଖ୍ୟ ରାସ୍ତା ହିଁ ଚିହିଡ଼ିର ବସ୍ଷ୍ଟାଣ୍ଡ ପାଲଟିଛି। ସେହିପରି ବନ୍ତ ଓ ଆଗରପଡ଼ା ଅଞ୍ଚଳରେ ସମାନ ଅବସ୍ଥା ଦେଖିବାକୁ ମିଳିଛି । ଅନ୍ୟପଟେ ଆରଡ଼ି ବାବା ଆଖଣ୍ଡଳମଣିଙ୍କ ପୀଠ ପାଇଁ ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ପ୍ରସିଦ୍ଧି ଲାଭ କରିଥିବାବେଳେ ଖୋଲା ଆକାଶ ତଳେ ବସ୍ଷ୍ଟାଣ୍ଡ ରହିଛି। ଚାନ୍ଦବାଲିର ସ୍ଥିତି କିନ୍ତୁ ନିଆରା। ବୈତରଣୀ ନଦୀକୂଳ ବଡ଼ ବଜାର ଅଞ୍ଚଳରେ ବସ୍ଷ୍ଟାଣ୍ଡ କରାଯିବ ବୋଲି ଲକ୍ଷ୍ୟ ରଖାଯାଇଛି। ବର୍ତ୍ତମାନ ସୁଦ୍ଧା କାର୍ଯ୍ୟ ଆରମ୍ଭ ହୋଇନାହିଁ। ଏନେଇ ଜିଲା ପ୍ରଶାସନ ଏସବୁ ସମସ୍ୟା ପ୍ରତି ଅଣଦେଖା କରୁଥିବାରୁ ଜନଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ଏନେଇ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର କୁମାର ପଣ୍ଡାଙ୍କୁ ପଚାରିବାରୁ ସମସ୍ୟା ସମ୍ପର୍କରେ ଅବଗତ। ସ୍ଥାନ ଅଭାବ କାରଣରୁ ଏହା ସମ୍ଭବପର ହୋଇପାରୁନାହିଁ । ତଥାପି ଗୁରୁତ୍ୱ ଦିଆଯାଇ ସମାଧାନ ପ୍ରତି ଦୃଷ୍ଟି ଦିଆଯିବ ବୋଲି ସେ କହିଛନ୍ତି।

# ପରିବାରକୁ ଭେଟିଲେ ଜିଲା ଭାଜପା କର୍ମକର୍ତ୍ତା

**ଗଞ୍ଜାମ,୧୯।୯(ଡି.ଏନ୍.ଏ.)**

## ମହିଳାଙ୍କୁ ବଳାତ୍କାର, ହତ୍ୟା ମାମଲା

ଗଞ୍ଜାମ ବ୍ଲକ ଅନ୍ତର୍ଗତ ପାଲଙ୍ଗ ପଞ୍ଚାୟତରେ ଜଣେ ମହିଳାଙ୍କୁ ବଳାତ୍କାର ପରେ ହତ୍ୟା ମାମଲାର ୫ ଦିନ ବିତିଯାଇଛି। କିନ୍ତୁ ଅଭିଯୁକ୍ତମାନଙ୍କ ବିରୋଧରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ଅଭିଯୋଗ ହୋଇଛି। ଏଥିପାଇଁ ଉକ୍ତ ପଞ୍ଚାୟତରେ ଉତ୍ତେଜନା ଦେଖାଯାଇଛି। ଏ ନେଇ ଶନିବାର ଜିଲା ଭାଜପା କର୍ମକର୍ତ୍ତାଙ୍କ ଏକ ଟିମ ସମ୍ପୃକ୍ତ ଅଞ୍ଚଳରେ ପହଞ୍ଚି ମୃତ ମହିଳାଙ୍କ ପରିବାରକୁ ଭେଟି ଆଶ୍ୱାସନା ଦେଇଥିଲେ। ଏବଂ ଆଗାମୀ ଦିନରେ ନ୍ୟାୟି ନ ମିଳିଲା ପର୍ଯ୍ୟନ୍ତ ଲଢେଇ ଜାରି କରିବାକୁ ପ୍ରତିଶ୍ରୁତି ଦେଇଥିଲେ।

ଜିଲା ଭାଜପା ସଭାପତି ବିଭୂତି ଭୂଷଣ ଜେନା, ପୂର୍ବତନ ସଭାପତି କାହ୍ନୁଚରଣ ପତି, ଛତ୍ରପୁର ନିର୍ବାଚନ ମଣ୍ଡଳୀ ଯୁବନେତା ପ୍ରଶାନ୍ତ କୁମାର କର, ଜିଲା ଉପ ସଭାପତି ସୁବ୍ରତ ପାଢ଼ୀ, ଜିଲା ପରିଷଦ ସଭ୍ୟା ରଶ୍ମିରାଣୀ ମହାପାତ୍ର, ସ୍ଥାନୀୟ ମତ୍ସଜୀବୀ ନେତା ଭୀମସେନ ବେହେରା ପ୍ରମୁଖ ଗ୍ରାମରେ ପହଞ୍ଚି ମୃତକ ମହିଳାଙ୍କ ପରବାର ଓ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଗ୍ରାମର ଶତାଧିକ ମହିଳା ଥାନାରେ ଘେରାଉ କରିବା ସମୟରେ ଥାନାଧିକାରୀ ସେମାନଙ୍କୁ ଦୁର୍ବ୍ୟବହାର କରିଥିବା ଭାଜପା କାର୍ଯ୍ୟକର୍ତ୍ତାଙ୍କୁ ଅଭିଯୋଗ କରିଥିଲେ। ତେବେ ଗ୍ରାମର ଶତାଧିକ ମହିଳା ଭାଜପା ନେତା ମାନଙ୍କୁ ଭେଟି ନ୍ୟାୟ ନ ମିଳିଲା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି କହିଥିଲେ। ଭାଜପା ନେତାମାନେ ମଧ ସେମାନଙ୍କୁ ସାଥ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏ ନେଇ ଭାଜପା କାର୍ଯ୍ୟକର୍ତ୍ତା ଛତ୍ରପୁରଠାରେ ପୋଲିସ କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା କରିଥିବା ପ୍ରକାଶ କରିଥିଲେ।

# ପାନୀୟ ଜଳ ଯୋଗାଣ ଦାବିରେ ମହିଳାଙ୍କ ଆନ୍ଦୋଳନ



ସାହିର ମହିଳାମାନେ କାର୍ଯ୍ୟାଳୟରେ ପ୍ରତିବାଦ କରୁଛନ୍ତି।

**ବୁଗୁଡ଼ା,୧୯।୯(ଡି.ଏନ.ଏ.)**

ବୁଗୁଡ଼ା ଏନ୍ଏସି ଅନ୍ତର୍ଗତ ପୋଲାଇ ସାହିର ମହିଳାମାନେ ପାନୀୟ ଜଳ ଯୋଗାଣ ଦାବିରେ ଶନିବାର ବୁଗୁଡ଼ା ଜନସ୍ୱାସ୍ଥ୍ୟ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଘେରିବା ସହ ହୋହାଲ୍ଲା କରିଛନ୍ତି। ଉକ୍ତ ସାହିକୁ ଦୀର୍ଘବର୍ଷ ହେଲା ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ହୋଇପାରିନାହିଁ। ଏହାର ପ୍ରତିବାଦରେ ଅଗଷ୍ଟ ୨୫ ତାରିଖରେ ପୋଲସରା-ବୁଗୁଡ଼ା ମୁଖ୍ୟରାସ୍ତାରେ ସାହିବାସୀ ହାଣ୍ଡି ମାଠିଆ ରଖି ରାସ୍ତାରୋକୋ କରିଥିଲେ। ଖବର ପାଇ ତହସିଲଦାର ସଂଗ୍ରାମ କେଶରୀ ଜେନା, ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମିରଞ୍ଜନ ଦାଶ, ତତ୍କାଳୀନ ଓଏସ୍ଡି ବିଶ୍ୱରଞ୍ଜନ କଅଁର, ଆଇଆଇସି ଚିତ୍ତରଞ୍ଜନ ବେହେରା ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିବା ପରେ ଆନ୍ଦୋଳନ ହଟିଥିଲା। ଏଥିସହ ଜନସ୍ୱାସ୍ଥ୍ୟ ବିଭାଗ ତରଫରୁ ସାତଦିନ ମଧରେ ଏହାର ବ୍ୟବସ୍ଥା କରାଯିବାକୁ କୁହାଯାଇଥିଲା। କିନ୍ତୁ ଏଯାଏଁ ପଲାଇ ସାହିବାସୀ ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଛନ୍ତି। ତେଣୁ ଉକ୍ତ ସାହିର ମହିଳାମାନେ ଜନସ୍ୱାସ୍ଥ୍ୟ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଯାଇ ଏହାର ପ୍ରତିବାଦ କରିଥିଲେ। ତେବେ ୫ ଦିନ ମଧରେ ଜଳ ଯୋଗାଣ ବ୍ୟବସ୍ଥା କରାଯିବ ବୋଲି ବିଭାଗ ପକ୍ଷରୁ ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନର ଅବସାନ ଘଟିଥିଲା।

# ୧୪୮ ସହାୟକ ପୋଲିଂ ବୁଥ୍ ସ୍ଥାପନ ପାଇଁ ଅନୁମତି

**ବାଲେଶ୍ୱର ଅଫିସ, ୧୯।୯**

## ବାଲେଶ୍ୱର ବିଧାନସଭା ନିର୍ବାଚନମଣ୍ଡଳୀ

ଭାରତର ନିର୍ବାଚନ କମିଶନ ବାଲେଶ୍ୱର ବିଧାନସଭା ନିର୍ବାଚନ ମଣ୍ଡଳୀରେ ୧୪୮ଟି ସହାୟକ ପୋଲିଂ ବୁଥ୍ ସ୍ଥାପନ ନିମନ୍ତେ ଅନୁମତି ପ୍ରଦାନ କରିଛନ୍ତି। ଆସନ୍ତା ଉପନିର୍ବାଚନ ଏବଂ କୋଭିଡ୍-୧୯ କଟକଣାକୁ ଦୃଷ୍ଟିରେ ରଖି ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳଙ୍କ ତରଫରୁ ସହାୟକ ବୁଥ୍ ସ୍ଥାପନ ପାଇଁ ଦିଆଯାଇଥିବା ପ୍ରସ୍ତାବକୁ ନିର୍ବାଚନ କମିଶନ ମଞ୍ଜୁର କରିଛନ୍ତି। ୧ହଜାରରୁ ଅଧିକ ଭୋଟର ଥିବା ପୋଲିଂ ବୁଥ୍‌ର ଭୋଟରମାନେ ଭାଗ ଭାଗ ହୋଇ ମୁଖ୍ୟ ବୁଥ୍ ଏବଂ ସହାୟକ ବୁଥ୍ ଜରିଆରେ ଉପନିର୍ବାଚନରେ ମତଦାନ କରିପାରିବେ। କୋଭିଡ-୧୯ ନିୟମାବଳୀକୁ ଗୁରୁତ୍ୱ ଦେଇ ଏଭଳି ପଦକ୍ଷେପ ନିଆଯାଇଛି ।

ସେହିପରି ବାଲେଶ୍ୱର ବିଧାନସଭା ନିର୍ବାଚନମଣ୍ଡଳୀର କେତେକ ପୋଲିଂ ବୁଥ୍ ପରିବର୍ତ୍ତନ ପାଇଁ ମଧ ନିର୍ବାଚନ କମିଶନ ଅନୁମତି ଦେଇଛନ୍ତି । ୯୦-ବାହାବଳପୁର ପୋଲିଂ ବୁଥ୍ ଯାହା ବାହାବଳପୁର ପ୍ରାଇମେରୀ ସ୍କୁଲ (ପଶ୍ଚିମ)ରେ ଥିଲା ତାହାକୁ ରଙ୍ଗାମାଟିଆ ଏମ୍ଇ ସ୍କୁଲ, ବାହାବଳପୁରକୁ ସ୍ଥାନାନ୍ତର କରାଯାଇଛି। ୯୧-ବାହାବଳପୁର ପୋଲିଂ ବୁଥ୍ ଯାହା ବାହାବଳପୁର ପ୍ରାଇମେରୀ ସ୍କୁଲ (ପଶ୍ଚିମ)ରେ ଥିଲା ତାହାକୁ କରଞ୍ଜିଆ ସରକାରୀ ପ୍ରାଥମିକ ବିଦ୍ୟାଳୟ ବାହାବଳପୁରକୁ ସ୍ଥାନାନ୍ତର କରାଯାଇଛି। ୧୯୧-କାୟାକଦଳା ପୋଲିଂ ବୁଥ୍ ଯାହା କାୟାକଦଳା ପ୍ରାଥମିକ ସ୍କୁଲରେ ଥିଲା ତାହାକୁ କାୟାକଦଳା ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଛି। ଏ ସଂକ୍ରାନ୍ତରେ ରିଟର୍ନିଂ ଅଫିସରଙ୍କ ହ୍ୟାଣ୍ଡବୁକରେ ଥିବା ପ୍ରକ୍ରିୟା ଓ ନିର୍ଦ୍ଦେଶନାମା ଅନୁଯାୟୀ ପରବର୍ତ୍ତୀ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ପରାମର୍ଶ ଦିଆଯାଇଛି। ଏ ବିଷୟରେ ସମସ୍ତ ରାଜନୈତିକ ଦଳ ଏବଂ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନଙ୍କୁ ଜଣାଇଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ମତଦାତାମାନଙ୍କୁ ମଧ ଏ ସଂକ୍ରାନ୍ତରେ ସଚେତନ କରିବା ପାଇଁ ପରାମର୍ଶ ଦିଆଯାଇଛି।

# ସାର କଳାବଜାର ବନ୍ଦ ନ ହେଲେ ଆନ୍ଦୋଳନ

**ବନ୍ତ,୧୯।୯(ଡି.ଏନ୍.ଏ.)**

ଭଦ୍ରକ ଜିଲା ବନ୍ତ ବ୍ଲକରେ ଶନିବାର ୟୁରିଆ ସାରର ଅଭାବୀ ବିକ୍ରି ଓ କଳା ବଜାରୀ ପ୍ରତିବାଦରେ ବ୍ଲକ ଓଡିଶା କୃଷକ ସଭା ପକ୍ଷରୁ ଆଗାମୀ ସପ୍ତାହରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି । ଏସମ୍ପର୍କରେ ଓଡିଶା କୃଷକ ସଭା ବନ୍ତ ବ୍ଲକ କମିଟିର ସଭାପତି ଫକୀର ଚରଣ ବିଶ୍ୱାଳ, ସମ୍ପାଦକ ସୁବାଷ ଚନ୍ଦ୍ର ବେହେରା, କୃଷକ ସଭ୍ୟାସଭ୍ୟ ମାର୍କଣ୍ଡ ବାରିକ, କିଶୋର ବେହେରା, ରବୀନ୍ଦ୍ର ଜେନା, ଉମାକାନ୍ତ ମହାପାତ୍ର, ଆନନ୍ଦ ଜେନା, ନିରଞ୍ଜନ ନାୟକ, ରମାକାନ୍ତ ସାହୁ, ପବିତ୍ର ସେଠୀ ସମ୍ପୃକ୍ତ ବିଭାଗର ଅଧିକାରୀ ମାନଙ୍କୁ ଲିଖିତ ଅବଗତ କରାଇଛନ୍ତି । ଉଲ୍ଲେଖ ଯେ, ଚଳିତ ଖରିଫ ଋତୁରେ ଚାଷୀ ମାନଙ୍କୁ ସୁଲଭ ମୂଲ୍ୟରେ ସାର ଓ କୀଟନାଶକ ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ସମସ୍ତ ସମବାୟ ସମିତି ଓ ଲାଇସେନ୍ସ ପ୍ରାପ୍ତ ଖୁଚୁରୀ ଦୋକାନୀମାନଙ୍କୁ ଅନୁମତି ପ୍ରଦାନ କରିଥିଲେ। ଏପରିପ୍ରେକ୍ଷୀରେ ଆବଶ୍ୟକତା ଅନୁଯାୟୀ ଚାଷୀ ମାନଙ୍କୁ ସାର ଯୋଗାଇ ଦିଆଯାଇନାହିଁ। କେତେକ ସମବାୟ ସମିତିରେ ଆବଶ୍ୟକତା ଠାରୁ କମ୍ ପରିମାଣରେ ସାର ଅଣାଯାଇଛି । ଫଳରେ ଚାଷୀ ମାନେ ସରକାରୀ ଧାର୍ଯ୍ୟ ମୂଲ୍ୟରେ ସାର ନ କିଣି କଳା ବଜାରରେ କିଣୁଥିବା ଅଭିଯୋଗ ହୋଇଛି । ୟୁରିଆ ସାରର ସରକାରୀ ମୂଲ୍ୟ ୨୭୦ ଟଙ୍କା ହୋଇଥିବା ବେଳେ ବାହାର ବଜାରରେ ତାହା ୩୫୦ ଟଙ୍କାରେ ବିକ୍ରି ହେଉଥିବା ଜଣାଯାଇଛି ।

# ନିରାଡ଼ମ୍ବରରେ ହେବ ସରକାର ବାବାଙ୍କ ଫତେହ ଉତ୍ସବ

**ଭଦ୍ରକ ଅଫିସ,୧୯।୯**

ଭଦ୍ରକ ବାଇପାସ୍ ସରକାରନଗର ସ୍ଥିତ ସରକାର ବାବାଙ୍କ ପୁଣ୍ୟ ଆସ୍ଥାନ ଠାରେ ଚଳିତ ମାସ ୨୩ ଓ ୨୪ ତାରିଖରେ ପାଳିତ ହେବାକୁ ଥିବା ଫତେହ ଉତ୍ସବ ସମ୍ପୂର୍ଣ୍ଣ ନିରାଡ଼ମ୍ବର ଓ କୋଭିଡ୍ କଟକଣା ମଧରେ ପାଳନ କରାଯିବାକୁ ଅନୁଷ୍ଠିତ ସମନ୍ୱୟ କମିଟି ବୈଠକରେ ନିଷ୍ପତ୍ତି ହୋଇଛି। ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଜିଲାପାଳ ଡ. ଜ୍ଞାନ ରଞ୍ଜନ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ସର୍ବ ସମ୍ମତି କ୍ରମେ ଗ୍ରହଣ କରାଯାଇଛି। ଏହି ଅବସରରେ ଅନୁଷ୍ଠିତ ହେଉଥିବା ଚାଦର ଶୋଭାଯାତ୍ରା ଓ ଚାଦର ଚଢାକୁ ବାରଣ କରାଯାଇଛି। କେବଳ ବିଧି ମୁତାବକ ରୀତିନୀତି ଅନୁଯାୟୀ କଟକଣା ମଧରେ ସମସ୍ତ କାର୍ଯ୍ୟ ସମ୍ପନ୍ନ କରାଯିବାକୁ ନିଷ୍ପତ୍ତି ହୋଇଛି। ଭକ୍ତମାନଙ୍କୁ ଆସ୍ଥାନ ତଥା ଏହି ଅଞ୍ଚଳକୁ ଯିବାକୁ ବାରଣ କରାଯାଇଛି। ବୈଠକରେ ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର, ଭାରପ୍ରାପ୍ତ ଉପଜିଲାପାଳ ମନୋରମା ଭୂୟାଁ, ଅତିରିକ୍ତ ଏସ୍‌ପି କୈଳାସ ଚନ୍ଦ୍ର ପରିଡ଼ା, ଡିଆଇବି ଇନ୍ସପେକ୍ଟର କମଳ ଲୋଚନ ଭୂୟାଁ, ପବନ ବାଗେଡିଆ, ଖାନ୍‌କା ସରିଫ୍ ସମ୍ପାଦକ ସେକ୍ ଅତା ମହିଉଦ୍ଦୀନ, ବିଦ୍ୟାଧର ସାହୁ, ଚଉଦ ମହଲା ମୁସ୍‌ଲିମ୍ ଜମାତ ସଭାପତି ମହମ୍ମଦ ଅବଦୁଲ ବାରୀ, ଅବଦୁଲ ମୁକିତ ଖାଁ, ଭଦ୍ରକ ଏସ୍‌ଡିପିଓ, ପୁରୁଣାବଜାର ଆଇଆଇସିଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ, ଶାନ୍ତି ସମନ୍ୱୟ କମିଟିର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# କେଶଦୁରାପାଳକୁ କଣ୍ଟେନ୍‌ମେଣ୍ଟ ଘୋଷଣା

**ଆନନ୍ଦପୁର,୧୯। ୯(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଘସିପୁରା ବ୍ଲକ କେଶଦୁରାପାଳ ଅଞ୍ଚଳରେ ଦିନକୁ ଦିନ ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖାଯାଇ ପ୍ରଶାସନିକ ସ୍ତରରେ କଡା ପଦକ୍ଷେପ ଗ୍ରହଣ କରାଯାଇଛି। ଜିଲାପାଳଙ୍କ ଚିଠି ନଂ ୪୪୨୨/୧୮।୯।୨୦ ଅନୁଯାୟୀ କେଶଦୁରାପାଳ ପଞ୍ଚାୟତର ୱାର୍ଡ ନଂ ୧ ଶାସନ ସାହିକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଭାବେ ଘୋଷଣା କରାଯାଇଛି। ଏହି କଟକଣା ୨୫ ତାରିଖ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ନିର୍ଦ୍ଦେଶନାମା ଜାରି ହୋଇଛି। ଫଳରେ କେଶଦୁରାପାଳ ଗ୍ରାମର ଜଗନ୍ନାଥ ମନ୍ଦିର ଛକ, ଦେହୁରୀ ସାହି ଛକ, ରଥ ଦାଣ୍ଡକୁ ସିଲ୍ କରାଯାଇଛି।

# ଚାଷୀଙ୍କୁ ମିଳିନି ପାୱାର ଟିଲର ସବ୍‌ସିଡି

**ଚମ୍ପୁଆ,୧୯।୯ (ଡି.ଏନ.ଏ.)**

ଚାଷକାର୍ଯ୍ୟର ସୁବିଧା ପାଇଁ ପାୱାର ଟିଲର କିଣିଲେ ଚାଷୀ ମାତ୍ର ୬ ମାସରେ ମିଳିବାକୁ ଥିବା ସବସିଡ ପାଇବାକୁ ୩ ବର୍ଷ ବିତି ଯାଇଥିଲେ ମଧ ଆଜି ବି ଶେଷ କିସ୍ତି ପାଇବାରୁ ବଞ୍ଚିତ ଅଛନ୍ତି। କୃଷି କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଲେ ବି ଅଧିକାରୀ ଜଣଙ୍କ ଦିନ ଗଡାଇ ଚାଲିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଅଧିକାରୀ ଜଣଙ୍କ ୬ ମାସ ତଳେ ଚାଷୀଙ୍କ ପାଖରେ ପହଞ୍ଚି ପାୱାର ଟିଲର ଫଟୋ ଉଠାଇବା ପରେ ତୁରନ୍ତ ସବସିଡ ମିଳିଯିବ କହି ଆସିଥିଲେ ମାତ୍ର ୬ ମାସ ପରେ ବି ଶେଷ କିସ୍ତି ପାଇନାହାନ୍ତି। ଗୋଧୁଲିଗ୍ରାମର କପିଳେଶ୍ୱର ନାଏକ ଓ ପୁଷ୍ପାଞ୍ଜଳି ନାଏକ ସାଢେ ତିନି ବର୍ଷ ତଳେ ଚାଷ ପାଇଁ ସବସିଡି ଯୁକ୍ତ ପାୱାର ଟିଲର କୃଷି ବିଭାଗ ପକ୍ଷରୁ ମିଳୁଥିବା ଜାଣି ଉଭୟ ଆବଶ୍ୟକ କାଗଜପତ୍ର ଦାଖଲ କରିଥିଲେ। ଉଭୟ ଶେଷ କିସ୍ତିର ୧୦ ହଜାର ଟଙ୍କା ଏଯାଏ ପାଇନାହାନ୍ତି। ଏସମ୍ପର୍କରେ ସହକାରୀ କୃଷି ଅଧିକାରୀ ଅବିନାଶ ବେହେରାଙ୍କୁ ପଚାରିବାରୁ ଚାଷୀ ମାନଙ୍କ ଶେଷ କିସ୍ତି ପ୍ରଦାନ କରାଯାଇପାରି ନାହିଁ। ତୁରନ୍ତ ଏହା ପ୍ରଦାନ କରାଯିବ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

# ଆବେଦନ ପରେ ବି ମିଳୁନି ରାଶନ କାର୍ଡ

**ଚମ୍ପୁଆ,୧୯।୯(ଡି.ଏନ.ଏ.)**

କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ ଅନ୍ତର୍ଗତ ବଡନଇ ପଞ୍ଚାୟତର ଆଦିବାସୀ ପରିବାରକୁ ଆଜିପର୍ଯ୍ୟନ୍ତ ମିଳିପାରିଲାନାହିଁ ରାଶନକାର୍ଡ। ଦୁଃଖକଷ୍ଟରେ ଦିନ କାଟୁଥିଲେ ମଧ ଏହି ୮ ପ୍ରାଣୀ କୁଟୁମ୍ବ ପ୍ରତି ପଡିପାରିଲା ନାହିଁ



ଘର ଆଗରେ ସାଗର ମୁଣ୍ଡାଙ୍କ ସହ ତାଙ୍କ ବୋହୂ।

ପ୍ରଶାସନର ନଜର। ବାରମ୍ବାର ଆବେଦନ ପରେ ବି ଏମାନେ ରାଶନକାର୍ଡରୁ ବଞ୍ଚିତ।

ଏହିପରି ଏକ ଘଟଣା ଦେଖିବାକୁ ମିଳିଛି ଉକ୍ତ ପଞ୍ଚାୟତର ସାନନଇ ଗ୍ରାମ ଅଧୀନରେ ଥିବା ଆଦିବାସୀ ବହୁଳ ଡୁଡାସାହିର ସାଗର ମୁଣ୍ଡାଙ୍କ କ୍ଷେତ୍ରରେ। ବୟସର ଅପରାହ୍ନରେ ପହଞ୍ଚି ନିଜର ୭ ପ୍ରାଣୀ କୁଟୁମ୍ବଙ୍କ ସହ ଗୋଟାଏ ଘରେ ରହିଆସୁଛନ୍ତି ସାଗର ମୁଣ୍ଡା। ଗୋଟିଏ ଖପର ଘରେ ଦିନ କାଟୁଥିବା ବେଳେ ଏକମାତ୍ର ପୁଅ ରାଜମିସ୍ତ୍ରି ପାଖରେ କୁଲିକାମ କରି ଆଣୁଥିବା ପଇସାରେ ପରିବାର ପ୍ରତିପୋଷଣ ହୋଇଥାଏ। ନା ତାଙ୍କୁ ମିଳିଛି ବାର୍ଦ୍ଧକ୍ୟ ଭତ୍ତା। ନା ମିଳିଛି ପ୍ରଧାନମନ୍ତ୍ରୀ ଆବାସ। ଏପରିକି ରାଜ୍ୟ ବା କେନ୍ଦ୍ର ସରକାରଙ୍କ ଖାଉଟି ସୁରକ୍ଷା ଯୋଜନାରେ ମଧ ସେ ବଞ୍ଚିତ। ବାରମ୍ବାର ରାଶନ କାର୍ଡ ପାଇଁ ୩ କି.ମି. ଦୌଡ଼ି ଦୌଡ଼ି ନୟାନ୍ତ ହୋଇପଡ଼େ। ବୁଢା ବୟସରେ ଆଉ ଯାଇପାରିବିନି ବୋଲି ସେ କ୍ଷୋଭର ସହ କହିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ହିମାଂଶୁ ଶୟଙ୍କୁ ପଚାରିବାରୁ କହିଛନ୍ତି ଯେ, ସାଗର ମୁଣ୍ଡା ପ୍ରାୟ ୭ ଥର ହେବ କାଗଜ ପତ୍ର ରାଶନ କାର୍ଡ ପାଇଁ ପଞ୍ଚାୟତରେ ଦେଲେଣି। ଆମ୍ଭେ ଉକ୍ତ କାଗଜ ପତ୍ରକୁ ନେଇ ଯୋଗାଣ ବିଭାଗଠାରେ ପଇଠ କରିଛୁ। ମାତ୍ର ବିଭାଗ ଦିନ ଗଡେଇ ଚାଲିଛି। ଫଳରେ ସେ ରାଶନ କାର୍ଡ ପାଇପାରୁ ନାହାନ୍ତି।

# ଅମ୍ଳଜାନ ନିରୂପଣ କେନ୍ଦ୍ର ଉଦ୍‌ଘାଟିତ

**ବାଲେଶ୍ୱର ଅଫିସ, ୧୯।୯**

ବାଲେଶ୍ୱର ରୋଟାରୀ କ୍ଲବର ପଞ୍ଚମ ବାର୍ଷିକ ଚକ୍ଷୁ ଅସ୍ତ୍ରୋପଚାର ଦିବସ ଅବସରରେ ଏକ ରକ୍ତରେ ଅମ୍ଳଜାନ ତଥା ପଲସ୍‌ରେଟ୍‌ର ସ୍ଥିତି ନିରୂପଣ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଏହାକୁ ଉଦ୍‌ଘାଟନ କରିଥିଲେ। ବାଲେଶ୍ୱର ରୋଟାରୀ କ୍ଲବର ଏହି ସାଧୁ ଉଦ୍ୟମକୁ ପ୍ରଶଂସା କରିବା ସହିତ 'କରୋନା' ରୋଗ ନିରାକରଣରେ ସାହାଯ୍ୟ କରିବ ବୋଲି କହିଥିଲେ। ଏଥିସହିତ କ୍ଲବର କର୍ମକର୍ତ୍ତାମାନଙ୍କୁ କରୋନା ରୋଗର ଭୟାବହତା ତଥା ଆବଶ୍ୟକ ଜନସଚେତନତା କାର୍ଯ୍ୟକ୍ରମ ଗ୍ରହଣ କରିବା ପାଇଁ ଜିଲାପାଳ ପରାମର୍ଶ ଦେଇଥିଲେ।




କାର୍ଯ୍ୟକ୍ରମରେ ଜିଲାପାଳ ଓ ଅନ୍ୟମାନେ।

କ୍ଲବର ସଭାପତି ରୋଟାରୀଆନ ଭାବଗ୍ରାହୀ ମହାନ୍ତି ଜିଲାରେ ବେସରକାରୀସ୍ତରରେ ଏହି କାର୍ଯ୍ୟକ୍ରମ ପ୍ରଥମ ବୋଲି କହିବା ସହ ଜନସାଧାରଣ ଏହି ଅମ୍ଳଜାନ ନିରୂପଣ ପରୀକ୍ଷା ବିନା ମୂଲ୍ୟରେ କରାଇ ନେବା ପାଇଁ ଆହ୍ୱାନ ଦେଇଥିଲେ। ଯେଉଁ ବ୍ୟକ୍ତିମାନଙ୍କର ଅମ୍ଳଜାନ ପରିମାଣ ନିର୍ଦ୍ଧାରିତ ସ୍ତରଠାରୁ କମ୍ ଥିବ ସେମାନଙ୍କୁ ତତ୍‌କ୍ଷଣାତ୍ ଅମ୍ଳଜାନ ଦେଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବାରେ ସାହାଯ୍ୟ କରାଯିବ ବୋଲି କହିଥିଲେ। ସମ୍ପାଦକ ପ୍ରଦୀପ୍ତ କୁମାର ପଣ୍ଡା, ରୋଟାରୀ ଜିଲା ଗଭର୍ନର ଶାନ୍ତନୁ କୁମାର ପାଣି, ମୁଖ୍ୟ ପରାମର୍ଶଦାତା ତଥା ପ୍ରକଳ୍ପର ଚେୟାରମ୍ୟାନ୍ ସୁବ୍ରତ କର, ପ୍ରାକ୍ତନ ସଭାପତି ମାତୃଦତ୍ତ ଦାସ, ଭି. ଉଦୟ କୁମାର, ଉପସଭାପତି ବିଷ୍ଣୁଦାସ କୁଣ୍ଡୁ, ଯୁଗ୍ମ ସମ୍ପାଦକ ସୁଖୀୟ ଦାସ, ସଭ୍ୟ ଶ୍ରୀମାନ୍ ଶ୍ରୀଚନ୍ଦନ, ଯଶୋଦା ନନ୍ଦନ ଆଶ, ଚକ୍ଷୁ ଚିକିତ୍ସାଳୟର ସମ୍ପାଦକ ବିଶ୍ୱଦୀପ ପଣ୍ଡା, ଆର୍କିଟେକ୍ଟ ସୌରଭ ବେହେରା ପ୍ରମୁଖ ନିଜର ଅମ୍ଳଜାନ ପରୀକ୍ଷା କରିବା ସହିତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

